# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୯.୧୦.୨୦୨୨ ରିଖ

ସମୟ-ପୂର୍ବାହ୍ନ ଘ.୧୧.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା:-

୧. ଶ୍ରୀ ପ୍ରେମାନନ୍ଦ ଜେନା, ଚେୟାରମ୍ୟାନ୍,
୨. ଶ୍ରୀମତୀ ପୁଷ୍ପା ରାଉତ,
୩. ଶ୍ରୀମତୀ ଝରଣାରାଣୀ ପତି,
୪. ଶ୍ରୀମତୀ ପୂଜା ମହାରଣା,
୫. ଶ୍ରୀମତୀ ମଧୁସ୍ମିତା ପ୍ରଧାନ,
୬.ଶ୍ରୀମତୀ ମାନସୀରାଣୀ ସୁନ୍ଦରାୟ

ଅଦ୍ୟ ତା ୧୯.୧୦.୨୦୨୨ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ଲାଇସେନ୍ସ ଆଣ୍ଡ୍ ଆପିଲସ୍ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ପ୍ରେମାନନ୍ଦ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ପ୍ରାଧିକୃତ ବିଜ୍ଞାପନ ଫଳକର (Authorised Hording) ତାଲିକା ଅଂଚଳିକ ଅଧିକାରୀ ମାନଙ୍କୁ ଉପ ଆୟୁକ୍ତ, ରାଜସ୍ୱ ଦେଇଛନ୍ତି, ସେସବୁ ବ୍ୟତୀତ ଆଉ କେତେ unauthorised Hording ଲାଗିଅଛି ସେଗୁଡ଼ିକ ଅଂଚଳିକ ଅଧିକାରୀମାନେ ସର୍ଭେ କରି ତାହାର ତାଲିକା D.C Revenue ଙ୍କୁ ଦେବେ, D.C Revenue ତାହାକୁ ଯାଂଚ୍ କରି ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ଆପୋଲୋ ହସ୍ପିଟାଲ୍ ନିକଟସ୍ଥ ଆଚାର୍ଯ୍ୟ ବିହାର ଛକ ଠାରୁ ସୈନିକ ସ୍କୁଲ୍ ପର୍ଯ୍ୟନ୍ତ ରାସ୍ତାରେ ବହୁ ଗାଡ଼ି unauthorized parking ହେଉଥିବାରୁ ଜନସାଧାରଣ ମାନଙ୍କର ଯାତାୟତରେ ଅସୁବିଧା ହେଉଅଛି, ତେଣୁ ଆପୋଲୋ ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କୁ multilevel parking ବ୍ୟବସ୍ଥା କରିବା ପାଇଁ ନିର୍ଦ୍ଦେଶ ଦେବା ଏବଂ ଯେଉଁମାନେ ବେଆଇନ୍ ପାର୍କିଂ ରାସ୍ତା ଉପରେ କରୁଛନ୍ତି ସେମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଆପୋଲୋ ହସ୍ପିଟାଲ୍ ନିକଟସ୍ଥ ଦୂରଦର୍ଶନ ପାର୍ଶ୍ୱଗଳି ରାସ୍ତାରେ on-street parking ବ୍ୟବସ୍ଥା କଲେ, ଜନସାଧାରଣ ମାନେ ଉପକୃତ ହେବା ସହିତ ନିଗମର ରାଜସ୍ୱ ମଧ ବୃଦ୍ଧି ପାଇବ, ଏଣୁ ZDC North ଏହାର Spot verification report ସହିତ ଏକ proposal ଉପ ଆୟୁକ୍ତ, ରାଜସ୍ୱଙ୍କୁ ଦେବା ଏବଂ ସେଠାରେ on-street parking କରିବା ପାଇଁ ଶୀଘ୍ର ପଦକ୍ଷେପ ନେବା ନିମନ୍ତେ D.C. Revenue ଙ୍କୁ ନିର୍ଦ୍ଦେଶ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୪). ଗତ ତା ୧୫.୦୯.୨୦୨୨ ରିଖରେ ବୀର ସୁରେନ୍ଦ୍ର ସାଏ ନଗର ହାଟରେ ପାର୍କିଂସ୍ଥଳ ଓ ପିଣ୍ଡିର ଉନ୍ନତିକରଣ କରିବା ପାଇଁ ନିଷ୍ପତି ହୋଇଥିଲା । ତାହା ଉପରେ କୌଣସି ପଦକ୍ଷେପ ନିଆଯାଇ ନଥିବାରୁ କମିଟି ଅସନ୍ତୋଷ ପ୍ରକାଶ କଲେ । ଏହା ଉପରେ ନଗର ଯନ୍ତ୍ରୀ ଶୀଘ୍ର ପଦକ୍ଷେପ ନେବାପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୫). ଗତ ତା ୧୫.୦୯.୨୨ ରିଖରେ ବାବା ଟିଲ୍କୋ ନଗର ପଡ଼ିଆରେ ହେଉଥିବା ହାଟକୁ ଉନ୍ନତିକରଣ କରି ସେଠାରୁ ରାଜସ୍ୱ ଆଦାୟ କରିବା ପାଇଁ ନିଷ୍ପତି ହୋଇଥିଲା । ଏହା ଉପରେ ଆଲୋଚନା କରାଗଲା । ଉପ ଆୟୁକ୍ତ, ମାର୍କେଟ୍ କହିଥିଲେ ଯେ, ଉକ୍ତ ହାଟଟି ଭୁବନେଶ୍ୱର ମହାନଗର ନିଗମ ଅଧିନରେ ନାହିଁ । ଉକ୍ତ ହାଟଟି ଯେଉଁ ଲ୍ୟାଣ୍ଡ୍ ଉପରେ ବସୁଛି, ସେହି ଲ୍ୟାଣ୍ଡ୍‌କୁ ବି ଏମ୍ ସି ସପକ୍ଷରେ Allotment କରିବା ପାଇଁ ରାଜ୍ୟ ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗଙ୍କୁ ଅନୁରୋଧ କରିବା ନିମନ୍ତେ ଉପ ଆୟୁକ୍ତ, ଲ୍ୟାଣ୍ଡ୍ ଙ୍କୁ ନିର୍ଦ୍ଦେଶ ଦେବାପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୬). ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା କେତେକ ଓ୍ୱାର୍ଡ଼ରେ କମ୍ୟୁନିଟି ସେଂଟର କରାଯାଇଥିଲା, ସେ ସମ୍ବନ୍ଧୀୟ detailed report କମିଟିଙ୍କ ନିକଟରେ ଉପସ୍ଥାପନ କରାଯାଇନାହିଁ, ତେଣୁ ନିଗମ ଦ୍ୱାରା ନିର୍ମାଣ ହୋଇଥିବା କମ୍ୟୁନିଟି ସେଂଟର ଗୁଡ଼ିକର ଅବସ୍ଥିତି ଓ ତା'ର Status Report ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ଉପ ଆୟୁକ୍ତ, ଲ୍ୟାଣ୍ଡ୍ ଓ କର୍ପୋରେସନ୍ ଆସେଟ୍‌ସଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୨.୧୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/- ପ୍ରେମାନନ୍ଦ ଜେନା
ସଭାପତି
ତା ୧୯.୧୦.୨୦୨୨ ରିଖ